# Akashvani, Sambalpur

## SAMBALPURI NEWS BULLETIN

### 8 April 2024- 6.47- 6.52 am.

*********************************************

ଲୋକସଭା ନାମାଙ୍କନ୍ ପ୍ରତ୍ୟାହାର୍ ପ୍ରକ୍ରିୟା- ୨ ନମ୍ବର୍ ଖେପ୍

ଆର୍‌ଏନ୍‌ୟୁ /  ସମ୍ବଲପୁର

ଲୋକ୍‌ସଭା ନିର୍ବାଚନ୍‌ର ୨ ନମ୍ବର୍ ଖେପ୍ ଲାଗି ଦାଖଲ୍ କରିଥିବା ନାମାଙ୍କନ୍ ପ୍ରତ୍ୟାହାର୍‌ର ଆଏଜ୍ ଶେଷ୍ ଦିନ୍ ଆଏ ।  ଇ ଖେପେ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆର୍ ଆଉଟର୍ ମଣିପୁର୍ ଆସନ୍ ସହେତେ ୮୮ ଟା ଲୋକ୍‌ସଭା ଆସନ୍ ଲାଗି ଆଏବା ୨୬ ତାରିଖ୍ ଦିନ ଭୋଟ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଇ ଖେପ୍‌ର ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ଗଲା ଗୁରୁବାର୍ ଦିନ ଶେଷ୍ ହେଇଥିଲା ।

ତୃତୀୟ ଲିଙ୍ଗି ଭୋଟର୍          ଆର୍‌ଏନ୍‌ୟୁ /  ସମ୍ବଲପୁର

ଚଲ୍ତି ନିର୍ବାଚନ୍‌ଥି ଭୋଟ୍ ଦେବାର୍‌କେ ରାଏଜେ ୩ ହଜାର୍ ୩ ଶହ ୮୦ ଝନ୍ ତୃତୀୟ ଲିଙ୍ଗି ଭୋଟର୍ ଅଛନ୍ ବଲି ରାଜ୍ୟ ନିର୍ବାଚନ୍ କାର୍ଯ୍ୟାଲୟ ସୂତ୍ରନୁ ଜନାପଡ଼ିଛେ । ୨୦୧୯ ସାଲେ ରାଏଜେ ତୃତୀୟ ଲିଙ୍ଗି ଭୋଟର୍‌ମାନ୍‌କର୍ ସଂଖ୍ୟା ୨ ହଜାର୍ ୯ ଶହ ୨୩ ଥିଲା । କେନ୍ଦୁଝର୍ ନିର୍ବାଚନ୍ ମଣ୍ଡଲୀ ନ ଝନେ ହେଲେ ତୃତୀୟ ଲିଙ୍ଗି ଭୋଟର୍ ନାଇଁଥିବାର୍ ବେଲେ ବୌଦ୍ଧ ଜିଲ୍ଲା କଂଟାମାଲ୍ ନ ଏଖେଇ ଝନେ ଅଛନ୍ ବଲି ଜନାପଡ଼ିଛେ । ସେନ୍ତା ଖୋର୍ଦ୍ଧା ଜିଲ୍ଲା ନ ସବୁନୁ ଜହ ୫ ଶହ ୬୦ ଝନ୍ ତୃତୀୟ ଲିଙ୍ଗି ଭୋଟର୍ ଥିବାର୍ ସୂଚ୍‌ନା ମିଲିଛେ ।

ନିର୍ବାଚନ ଯୁଆନ୍ ଭୋଟର୍ ଆରଏନୟୁ/ ସମ୍ବଲପୁର

ଆଏବା ସାଧାରଣ୍ ନିର୍ବାଚନଥି ଅଏତକାନୁ ଅଏତକା ସହରାଂଚଲ୍‌ର ଯୁଆନ୍ ଭୋଟରମାନ୍‌କୁ ଭୋଟ୍ ଦେବାର୍ ଲାଗି ତହଁକାବାର୍‌କେ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ । ସୂଚ୍‌ନା ଅନ୍‌ସାରେ ‘ଟର୍ଣ୍ଣିଂ - ଏଇଟିନ୍’ ଆର୍ ‘ତମେ ହିଁ ଝନେ’ କାର୍ଯ୍ୟକ୍ରମ୍ ଜରିଏ କମିଶନ୍ ଯୁଆନ୍ ଭୋଟର୍‌ମାନ୍‌କୁ ତହଁକଉଛେ । ସାମାଜିକ ଗଣମାଧ୍ୟମ୍ ଫେସ୍‌ବୁକ୍,

ଇନ୍‌ଷ୍ଟାଗ୍ରାମ୍ ଆର୍ ୟୁଟ୍ୟୁବ୍ ଜରିଏ ସେମାନ୍‌କୁ ଇ ବାବ୍‌ଦେ ସଚେତନ୍ କରାଯାଉଛେ ।

ଏନ୍‌ସିଇଆର୍‌ଟି ଆର୍‌ଏନ୍‌ୟୁ / ସମ୍ବଲପୁର

ସିବିଏସ୍‌ଇ ଅଧୀନ୍‌ଥି ଥିବା ସ୍କୁଲ୍ ମାନ୍‌କେ ଛାତ୍ରଛାତ୍ରୀମାନ୍‌କର୍ ପଢ଼୍‌ବାର୍ ଲାଗି ଏନ୍‌ସିଇଆର୍‌ଟି ତର୍‌ଫୁ ଭିନ୍ ଭିନ୍ କ୍ଲାସ୍ ଲାଗି ଏନ୍‌ସିଇଆର୍‌ଟି ବହି ୱେବ୍‌ସାଇଟ୍‌ଥି ନ ଛଡ଼ାଯାଇଛେ । କେତେଟା ପ୍ରକାଶନୀ ସଂସ୍ଥା ଇ ୱେବ୍‌ସାଇଟ୍‌ନୁ ବହି ଡାଉନ୍‌ଲୋଡ୍ କରିକରି ଏନ୍‌ସିଇଆର୍‌ଟିର ବିନା ଅନୁମତିଥି ନିଜର୍ ଲୋଗୋ ଲଗେଇକରି ଛାପୁଛନ୍ ଆର୍ ବିକୁଛନ୍ । ଇଟାକେ ନଜର୍‌ଥି ରଖିକରି ଏନ୍‌ସିଇଆର୍‌ଟି ତର୍‌ଫୁ ଅଭିଭାବକ୍‌ମାନ୍‌କୁ ହେ ବହି ନାଇଁ ଘିନ୍‌ବାର୍‌କେ ପରାମର୍ଶ ଦିଆଯାଇଛେ । ଇତାର୍‌ସହେତେ ପ୍ରକାଶନୀ ସଂସ୍ଥାମାନେ ତାଁକର୍ ଲୋଗୋ ଲଗେଇକରି ବହି ଛାପୁଥିବାର୍‌ନୁ ସେମାନ୍‌କର୍ ବିରୋଧ୍ ନ ‘କପି ରାଇଟ୍ ଆକ୍ଟ- ୧୯୫୭’ ଅନ୍‌ସାରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବାର୍ ନିୟମ୍ ରହିଛେ । ଯେନ୍ ପ୍ରକାଶନୀ ସଂସ୍ଥା ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍‌ଥି ଥିବା ବହି ଛାପ୍‌ବାର୍‌କେ ଚାହେଁବେ ସେମାନ୍‌କୁ ପବ୍ଲିକେସନ୍ ଡିଭିଜନ୍ ନୁ ଅନୁମତି

ନେବାର୍‌କେ ପଢ଼୍‌ବା ବଲି ଏନ୍‌ସିଇଆର୍‌ଟି ତର୍‌ଫୁ କୁହାଯାଇଛେ ।

ଜଙ୍ଗଲ୍ ନିଆଁ ଆର୍‌ଏନ୍‌ୟୁ / କଟକ୍

ଜବର୍ ଖରା ସହେତେ ରାଏଜର୍ ଜଙ୍ଗଲ୍ ମାନ୍‌କେ ଥିବା ପ୍ରାକୃତିକ ଝରନ୍ ଆର୍ ଜଲାଶୟ ମାନେ ଶୁଖିଯାଉଥିବାର୍‌ନୁ ଜୀବଜନ୍ତୁମାନେ ପାଏନ୍ ଲାଗି ଡହକ୍ ବିକଲ୍ ହେଉଛନ୍ । ହେଥିର୍‌ଲାଗି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଶହେ ୨୦ ଟା ଜଲାଶୟ କୁଡ଼ାଯାଇଛେ ଆର୍ ୨ ଶହ ୭୦ ଟା ଜୁନ୍‌ହା ଜଲାଶୟମାନ୍‌କର୍ ପୁନରୁଦ୍ଧାର୍ କରାଯାଇଛେ ବଲି ସୂଚ୍‌ନା ମିଲିଛେ । ଫରେଷ୍ଟ୍ ସର୍ଭେ ଅଫ୍ ଇଣ୍ଡିଆର୍ ତଥ୍ୟ ଅନ୍‌ସାରେ ଗଲାକାଏଲ୍‌ତକ୍ ଦେଶର୍ ୪ ଶହ ୯୪ ଟା ଜାଗା ନ ବଡ଼ ଆକାରର୍ ଜଙ୍ଗଲ୍ ନିଆଁ ଲାଗିଥିବାର୍ ଜନାପଡ଼ିଛେ । ସେନ୍ତା ରାଜ୍ୟର୍ ୮୦ ଟା ଜାଗା ନ ଜଙ୍ଗଲ୍ ନିଆଁ ଲାଗିଛେ ବଲି ଇ ସଂସ୍ଥା ସୂଚ୍‌ନା ଦେଇଛେ ।

କାରାଗାର୍-ଆମ୍ବୁଲେନ୍ସ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜେଲ୍ ମାନ୍‌କେ ଥିବା କଏଦୀମାନ୍‌କର୍ ଗୁରୁତର୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ସେମାନ୍‌କୁ ଡାକ୍ତର୍‌ଖାନାକେ ପୁହୁଁଚାବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆମ୍ବୁଲେନ୍ସ ଦିଆଯାଇଛେ । ପହେଲା ଖେପେ ସମ୍ବଲ୍‌ପୁର୍, ଭୁବ୍‌ନେଶ୍ୱର୍, କଟକ୍, ପୁରୀ ଆର୍ ବ୍ରହ୍ମପୁର୍ ଜେଲ୍‌କେ ଗୁଟେ ଲେଖା ଆମ୍ବୁଲେନ୍ସ ଦିଆଯାଇଛେ । ଫି ଏମ୍ବୁଲେନ୍ସଥି ୨ ଝନ୍ ଡ୍ରାଇଭର୍ ରହେବେ ବଲି କାରାଗାର୍ ବିଭାଗ୍ ସୂତ୍ରନୁ ଜନାପଡ଼ିଛେ ।

ସୂର୍ଯ୍ୟପରାଗ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଇ ବଛରର୍ ପହେଲା ସୂର୍ଯ୍ୟପରାଗ୍ ଆଏଜ୍ ଦେଖ୍‌ବାର୍‌କେ ମିଲ୍‌ବା । ଇଟା ପୂର୍ଣ୍ଣଗ୍ରାସ ସୂର୍ଯ୍ୟପରାଗ ହେଇଥିବାର୍‌ନୁ ଇ ସୂର୍ଯ୍ୟପରାଗ୍ ଖୋବ୍ ସୁନ୍ଦର୍ ଆର୍ ବିରଲ୍ ହେବା ବଲି ଜ୍ୟୋର୍ତିବିଜ୍ଞାନୀମାନେ ମତ ରଖିଛନ୍ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଆର୍ ମେକ୍ସିକୋର କେତେ ଇଲାକା ନ ଇ ସୂର୍ଯ୍ୟପରାଗ ଦେଖାଯିବା । ଭାରତୀୟ ସମିଆ ଅନ୍‌ସାରେ ସୂର୍ଯ୍ୟପରାଗ୍ ଆଏଜ୍ ରାତିର୍ ୯ ବାଜିକରି ୧୨ ମିନିଟ୍‌ଥି ମୁଲ୍ ହେବା ଆର୍ ରାତିର୍ ୨ ବାଜିକରି ୨୨ ମିନିଟ୍‌ଥି ମୋକ୍ଷ ହେବା ବଲି

ଜ୍ୟୋର୍ତିବିଜ୍ଞାନୀ ଡକ୍ଟର୍ ଶୁଭେନ୍ଦୁ ପଟ୍ଟନାୟକ୍ କହିଛନ୍ । ହେଲେ ଭାରତ୍ ନ ସୂର୍ଯ୍ୟପରାଗ୍‌ର କେନ୍‌ସି ପ୍ରଭାବ୍ ନାଇଁ ପଡ଼େ ବଲି ସେ କହିଛନ୍ ।

## ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ-ସମାବର୍ତନ୍ ଉତ୍ସବ

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର୍ ୩୩ ତମ ସମାବର୍ତନ୍ ଉତ୍ସବ୍ ଆଏଜ୍ ଜ୍ୟୋତିବିହାର୍ ପରିସର ନ ଥିବା ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ହେବା । ଇଥି ରାଜ୍ୟପାଲ୍ ଆର୍ କୁଳାଧିପତି ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେବେ । ରାଜ୍ୟପାଲ୍ ଇ ଅବ୍‌ସରେ ବିଶ୍ୱବିଦ୍ୟାଲୟର୍ ଶହେ ୫୬ ଝନ୍ କୃତୀ ଛାତ୍ରଛାତ୍ରୀମାନ୍‌କୁ ଡିଲିଟ୍, ଡକ୍ଟରେଟ୍ ଡିଗ୍ରୀ, ସ୍ୱର୍ଣ୍ଣପଦକ ଆର୍ ଭିନ୍ ଭିନ୍ ବିଷେଥି ଡିଗ୍ରୀ ପ୍ରଦାନ୍ କର୍‌ବେ ବଲି ବିଶ୍ୱବିଦ୍ୟାଲୟ ତର୍‌ଫୁ ସୂଚ୍‌ନା ମିଲିଛେ । ରାଜ୍ୟପାଲ୍‌ଙ୍କର୍ ଗସ୍ତକେ ନେଇକରି ପ୍ରଶାସନ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।

ସମାବର୍ତନ୍ ଉତ୍ସବ୍‌ଥି ସି.ଏସ୍.ଆଇ.ଆର୍- ଆଇ.ଏମ୍.ଏମ୍.ଟିର ନିର୍ଦ୍ଦେଶକ୍ ଡକ୍ଟର୍ ରାମାନୁଜ ନାରାୟଣ୍ ସମ୍ମାନିତ ଅତିଥି ଆର

କୋରାପୁଟ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଚକ୍ରଧର୍ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ୍ ଦେବେ ।

ମେଡ଼ିକାଲ୍ କଲେଜ୍- ପିଜି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୪ ଟା ମେଡ଼ିକାଲ୍ କଲେଜ୍ - ବଲାଙ୍ଗିର୍, କୋରାପୁଟ୍, ବାରିପଦା ଆର୍ ବାଲେଶ୍ୱର୍ ନ ପିଜି- ସ୍ନାତକୋତର ପାଠ୍ୟକ୍ରମ୍ ମୁଲ୍ କରାଯିବା । ଇ ବାବ୍‌ଦେ ନେସ୍‌ନାଲ୍ ମେଡ଼ିକାଲ୍ କମିଶନ୍‌ଙ୍କର୍ ଅନୁମତି ମଗାଯାଇଛେ । ଇସବୁ ମେଡ଼ିକାଲ୍ କଲେଜ୍‌ମାନ୍‌କେ ଅଧ୍ୟାପକ ମାନ୍‌କର୍ ଥିତିକେ ଅନୁଧ୍ୟାନ୍ କରିକରି ପିଜି ସିଟ୍ ସଂଖ୍ୟା ଥିର୍ କରାଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ସୂଚ୍‌ନାନୁ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ର ପ୍ରଭାବ୍‌ଥି ରାଏଜର୍ କେତେଟା ଜାଗା ନ ଗଲାକାଏଲ୍ ବର୍ଷା ହେଇଥିବାର୍‌ନୁ ତାତି କମିଛେ । ଆଏଜ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍, ସୁନ୍ଦର୍‌ଗଡ୍, ସୋନ୍‌ପୁର୍ ଆର୍ ବୌଦ୍ଧ ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲାର୍

କେତେ ଜାଗା ନ ଘଡ଼୍‌ଘଡ଼ି ଆର୍ ବିଜ୍‌ଲି ମାରିକରି ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତରଫ୍‌ରୁ ସତର୍କ କରାଯାଇଛେ ।